ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, କ ସିଂହପୁର

ପତ୍ର ସଂଖ୍ୟା-. 1041

ତାରିଖ ତା /୧୯/୨୦୨୫

ଅଙ୍ଗନବାଡି ସହାୟିକା ପଦବୀ ଚୟନ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା କ.ସିଂହପୁର ପ୍ରକଳ୍ପ ଅଧିନର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କ.ସିଂହପୁର ଅଧିନରେ ଖାଲି ଥିବା ୧୪ ଗୋଟି (ଚିତିମି, କୁଡୁଣି, ଡଂଗାମାଡି, ସଂଚକୁଡି, ଅଣିକିଣା, ମହେନ୍ଦ୍ରପୁର, ଲାଞ୍ଚପଦର, କୁନ୍ଦୁସୁମୁଲ, ତଡିମୁଡା, ସାନଡେଂଗିନିଲି, ସିଂଗାପଟା, ସଦଲସା , କାନ୍ଦାଗା ଦଣ୍ଡେଲ, ମୁଣ୍ଡୁଡି) ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି ସହାୟିକା ପଦବୀନିମନ୍ତେ ଅନଲାଇନ (online) ମାଧ୍ୟମରେ ଦରଖାସ୍ତ ପତ୍ର ଆହ୍ୱାନ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ, ରାୟଗଡା କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ଜାରି କରାଗଲା। ଆଗ୍ରହୀ ପ୍ରାର୍ଥୀ ମାନେ ପ୍ରଦତ୍ତ http://engagement-awc.odisha.gov. in/landing ସେବସାଇଟର publicuser/public login ମାଧ୍ୟମରେ ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିପାରିବେ ।

ଓଡିଶା ସରକାରଙ୍କ, ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱର ଚିଠି ସଂଖ୍ୟା 4970 ତାରିଖ 15.3.2023 ଅନୁସାରେ ଅଙ୍ଗନବାଡି ସହାୟିକା ଚୟନ କରାଯିବା ନିମ୍ନଲିଖିତ ଯୋଗ୍ୟତା ସଂପୂର୍ଣ୍ଣ ପ୍ରାର୍ଥୀମାନେ ଖାଲିଥିବା ଅଙ୍ଗନବାଡି ସହାୟିକା ପଦବୀ ସକାଶେ ଆବେଦନ କରିପାରିବେ ।

1. ସେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଏବଂ ଅଙ୍ଗନବାଡି କର୍ମୀ ଙ୍କ ପାଇଁ ଗ୍ରହଣୀୟ ହେବା ଆବଶ୍ୟକ।
2. ଆବେଦନକାରୀ ସ୍ଥାନୀୟ ଅଞ୍ଚଳର ମହିଳା ଅଙ୍ଗନବାଡି କେନ୍ଦ୍ରୋଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଓ ପ୍ରାର୍ଥୀଙ୍କ ପାଖରେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରଦାନ କରାଯାଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଏହାକୁ online upload କରିବେ ।
3. ଦରଖାସ୍ତକାରୀଙ୍କ ବୟସ ତା ୦୧.୦୧.୨୦୨୫ ଦିନ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହୋଇଥିବ ଏବଂ 35 ବର୍ଷରୁ ଅଧିକ ହୋଇ ନ ଥିବ । ବୟସ ପ୍ରମାଣ ସ୍ୱରୂପ 10 ମ ବୋର୍ଡ ପାସ ସାର୍ଟିଫିକେଟ ଅପଲୋଡ କରିବେ।
4. ଅଙ୍ଗନବାଡି ସହାୟିକା ପଦବୀ ସକାଶେ ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ତିମ +2 ପାସ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଆବେଦନକାରୀ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରର ଅବିକଳ ନକଲ ସହିତ ମାର୍କଲିଷ୍ଟର ଅବିକଳ ନକଲ online ରେ upload କରିଥିବା ଜରୁରୀ ଅଟେ ।
5. ଆବେଦନକାରୀଙ୍କ ଓଡିଆ ଜ୍ଞାନ ଥିବା ନିଶ୍ଚିତ କରୁରୀ ଅଟେ । ଯଦି ଆବେଦନକାରୀ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡିଶାଙ୍କ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଅନ୍ୟ ଶିକ୍ଷା ବୋର୍ଡ ଦ୍ୱାରା ଉତ୍ତୀର୍ଣ୍ଣ ହୋଇଥିବେ ତେବେ ସେମାନଙ୍କ କ୍ଷେତ୍ରରେ ଓଡିଆରେ ସର୍ବନିମ୍ନ ୩ମ ଶ୍ରେଣୀ ପାସ ହୋଇଥିବା ଆବଶ୍ୟକ ଏବଂ ସେଥିପାଇଁ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ପ୍ରାପ୍ତ ହୋଇଥିବା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ଅଟେ ।
6. ଆବେଦନକାରୀ ଯଦି ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି ହୋଇଥାନ୍ତି ତେବେ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଜାତିଗତ ପ୍ରମାଣ ପତ୍ର ମଧ୍ୟ upload କରିବା ଆବଶ୍ୟକ ଅଟେ ।
7. ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ମାନଦଣ୍ଡ ପୂରଣ କରିଥିବା ପ୍ରାର୍ଥିମାନେ ବିଧବା / ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନା ଥିବା) / ନିରାଶ୍ରୟୀ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା ହୋଇଥିବେ / ଅନୁନ୍ନତ ଯୋଗ୍ୟତା ଠାରୁ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି ତେବେ ତତ ସଂକ୍ରାନ୍ତିୟ ପ୍ରମାଣ ପତ୍ର ଅଧିକାରୀଙ୍କ ଠାରୁ ପ୍ରାପ୍ତ କରିଥିବା ଆବଶ୍ୟକ , ଏବଂ ସେ ତାହାର ଅବିକଳ ନକଲ online ରେ upload କରିବା ଆବଶ୍ୟକ ଅଟେ ।
8. ଅଙ୍ଗନବାଡି ସହାୟିକା ପିଲାମାନଙ୍କୁ ଲୋଷ୍ଟେଲ କରି ଖାଇବାକୁ ଦେବ ଏବଂ ଅଙ୍ଗନବାଡି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନବାଡି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ ।
9. ପ୍ରାର୍ଥିନୀଙ୍କ ପାଇଁ ସରକାରଙ୍କ ନିର୍ଦ୍ଦେଶାବଳି ପ୍ରକାରେ ଓଡିଶା ସରକାର ନିୟମ ORV ACT ଏହି ଚୟନକୁ ଲାଗୁ ହେବ ନାହିଁ । ମୁଖ୍ୟତଃ ଏ ସ ସି , ଏ ସ ଟି ଏବଂ ଓଡିସି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମଗୁଡିକରେ ଚୟନ କରାଯାଇଥିବା ସହାୟିକା ଏହି ସମ୍ପ୍ରଦାୟର ଯେକୌଣସି ସମ୍ପ୍ରଦାୟ ହୋଇପାରନ୍ତି, ଯେଉଁମାନେ ସଂଖ୍ୟା ଗରିଷ୍ଠ ଅଟନ୍ତି ।
10. ଆବେଦନକାରୀ ଭବିଷ୍ୟତରେ ନିୟମିତ ନିମନ୍ତେ କୌଣସି ପ୍ରକାର ଦାବି କରିପାରିବେ ନାହିଁ ।
11. ଅଙ୍ଗନବାଡି ସହାୟିକାଭାବେ ମନୋନୀତ ହୋଇ କାମରେ ନିଯୋଜିତ ପ୍ରାର୍ଥୀ ସାଧାରଣତଃ 60 ବର୍ଷ ବୟସ ଯାଏଁ କାମ କରିବେ । 60 ବର୍ଷ ପରେ ପୁନଃ ନିଯୋଜିତ ହେବାକୁ ଚାହୁଁ ଥିବା ସହାୟିକାମାନେ ବିଭାଗ ଆଦେଶ ନଂ 3657 ତା 02.03.2019 ଅନୁଯାୟୀ ବୁଢ଼ା ବର୍ଷ ବୃଦ୍ଧି ପାଇଁ ଆବେଦନ କରି ପାରିବେ।
12. ଦରଖାସ୍ତକାରୀ ମାନେ ବିଜ୍ଞପ୍ତି ଜାରି ହେବାର ୧୫ ଦିନ ମଧ୍ୟରେ ତା ୦୧.୧୨.୨୦୨୫ ଠାରୁ ତା ୧୫.୧୨.୨୦୨୫ ତାରିଖ ପର୍ଯ୍ୟନ୍ତ online ମାଧ୍ୟମରେ ଆବେଦନ କରିପାରିବେ।
13. ଦରଖାସ୍ତ ଗ୍ରହଣ ଶେଷ ହେବା ପରେ ଅର୍ଥାତ ତା ୧୬.୧୨.୨୦୨୫ ତାରିଖ ପୂର୍ବାହ୍ନ ୧୦ ଘଣ୍ଟିକା ସମୟରେ ଆବେଦନ କାରୀ online ମାଧ୍ୟମ ରେ upload କରିଥିବା ସାର୍ଟିଫିକେଟ ର ଅବିକଳ ନକଲ ମୂଳ (original) ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଉପସ୍ଥିତ ରହିବେ ।ଉକ୍ତଦିନ ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ (certificate verification) କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯିବ ।
14. ପ୍ରାର୍ଥୀ ନିଜର ବର୍ତ୍ତମାନର ପାସପୋର୍ଟ ସାଇଜ ଫୋଟୋ ଏବଂ ଆଧାର କାର୍ଡ ପୋର୍ଟାଲରେ ଅପଲୋଡ କରିବେ ।
15. ଆବେଦନକାରୀ କୌଣସି ନିର୍ବାଚିତ ପ୍ରତିନିଧି ହୋଇନଥିବେ।
16. ଉକ୍ତ ତାଲିକାରେ ସ୍ଥାୟୀ ବାସିନ୍ଦା/ଶିକ୍ଷାଗତ ଯୋଗ୍ୟତା /ଜାତି ଉତ୍ତ ପ୍ରମାଣ ପତ୍ର ରେ ଯଦି କିଛି ତ୍ରୁଟି ଆଏ ତା ହେଲେ ଯେ କୌଣସି ବ୍ୟକ୍ତି ବା ପ୍ରାର୍ଥୀ(7 ଦିନ) ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଭିଯୋଗ କରିପାରିବେ ।
17. ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଓଡିଶା ସରକାରଙ୍କ ଅଙ୍ଗନବାଡି ସହାୟିକା ଚୟନ ପ୍ରକ୍ରିୟା ମାର୍ଗ ଦର୍ଶିକା ଅନୁଯାୟୀ କରାଯିବା

ଯଥା

- ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ । ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡାଯିବ ଏବଂ ସେହି ଅନୁଯାୟୀ ଶ୍ରେଣୀକରଣ କରାଯିବ।
- ଉପରୋକ୍ତ ବ୍ୟତିତ ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରିବା ସହ ଅଗ୍ରାଧିକାର ପ୍ରଦାନ କରାଯିବ ।

କ୍ରମିକ ସଂଖ୍ୟା	ବର୍ଗ	ଅତିରିକ୍ତ ପଏଣ୍ଟ
୧	ଅନୁସୂଚିତ ଜନଜାତି ଅନୁସୂଚିତ ଜାତି /	୧୦
୨	ବିଧବା	୧୦
୩	ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବା)	୧୦
୪	ନିରାଶ୍ରୟ ପରିତ୍ୟକ୍ତା ମହିଳା / ଛାଡପତ୍ରପ୍ରାପ୍ତ /	୫
୫	ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି	୫

ଦରଖାସ୍ତ ଆହ୍ୱାନ ନିମନ୍ତେ ଅଙ୍ଗନବାଡି କେନ୍ଦ୍ରର ତାଲିକା

କ୍ରମ ନଂ	ଗ୍ରାମପଞ୍ଚାୟତର ନାମ	ଅଙ୍ଗନବାଡି କେନ୍ଦ୍ରର ନାମ	ଅଙ୍ଗନବାଡି କେନ୍ଦ୍ର ଓ ତାର ପରିସରଭୁକ୍ତ ଅଞ୍ଚଳର ନାମ
୧	ବିକରପାଲ	ଚିତିମି	ଚିତିମି
୨	ପାରସାଲି	କୁଡୁଣି	କୁଡୁଣି, ଲାମ୍ବେରି, ମଣ୍ଡାବାଲି
୩	ପାରସାଲି	ଡଂଗାମାଡି	ଡଂଗାମାଡି
୪	ପାରସାଲି	ସଂଚକୁଡି	ସଂଚକୁଡି, ପାଲମାଲି, ଟମକଲିଲ୍ଲା
୫	ପାରସାଲି	ଲାଞ୍ଚପଦର	ଲାଞ୍ଚପଦର, ପାଟାଂଗପଦର
୬	ପାରସାଲି	କୁନ୍ଦୁସୁମୁଲ	କୁନ୍ଦୁସୁମୁଲ , ତଡିମୁଲ ,ତଡିକଣା
୭	ପାରସାଲି	ସାନ ଡେଂଗିନିଲି	ସାନ ଡେଂଗିନିଲି
୮	ସିକରପାଲ	ଅଣିକଣା	ଅଣିକଣା
୯	ସିକରପାଲ	ମହେନ୍ଦ୍ର ପୁର	ମହେନ୍ଦ୍ର ପୁର
୧୦	ସେରିଗୁଣ୍ଡା	ତାଡିକୁଡା	ତଳ ତାଡିକୁଡା, ଉପର ତାଡିକୁଡା
୧୪	ସୁନାଝଣ୍ଡୀ	ମୁଣ୍ଡୁଡି	ମୁଣ୍ଡୁଡି, ଉପର ମୁଣ୍ଡୁଡି
୧୧	କରପା	ସିଂଗାପଟା	ସିଂଗାପଟା
୧୨	କରପା	ସଦଲସା	ସଦଲସା, ନେଲିଂଗ ପଦର, ଏଡକେଣା
୧୩	ସୁନାଝଣ୍ଡୀ	କାନ୍ଦାଗା ଦଣ୍ଡେଲ	କାନ୍ଦାଗା ଦଣ୍ଡେଲ, ସିଷ୍ଟପଦର , ଚେବାପାଡା
୧୪	ସୁନାଝଣ୍ଡୀ	ମୁଣ୍ଡୁଡି	ମୁଣ୍ଡୁଡି, ଉପର ମୁଣ୍ଡୁଡି

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ 1.12.25
COPO
K.SINGHPUR

ପରିପତ୍ର ସଂଖ୍ୟା 1042/୨୦୨୫ ତାରିଖ ତା /୧୯/୨୦୨୫

ଏହାର ଏକଲିପି ନକଲ ଉପ-ବିଭାଗୀୟ ରାୟଗଡା /ବିଡା ସମାଜ ମଙ୍ଗଳ ଅଧିକାରୀ, ରାୟଗଡା/ ଲୋଷ୍ଟା ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, କ.ସିଂହପୁର/ ଭାରପ୍ରାପ୍ତ ସ୍ୱାସ୍ଥ୍ୟଅଧିକାରୀ, କ.ସିଂହପୁର ଏବଂ ସ୍ତର ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ସମିତି କ.ସିଂହପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ 1.12.25
COPO
K.SINGHPUR

ପରିପତ୍ର ସଂଖ୍ୟା 1043/୨୦୨୫ ତାରିଖ ତା /୧୯/୨୦୨୫

ଏହାର ଏକଲିପି ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ କ.ସିଂହପୁର, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , କ.ସିଂହପୁର ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡ ଉପରେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇ ଦିଆଗଲା। ଏମ୍ପୁଣ୍ଣ ପରିବର୍ତ୍ତିତ ଏହି ନୋଟିସକୁ ଅଙ୍ଗନବାଡି କେନ୍ଦ୍ର ପ୍ରାଙ୍ଗଣରେ ଏବଂ ଗ୍ରାମପଞ୍ଚାୟତରେ ଲଟକାଇ ଫଟୋ ସ୍ୱାକୃତି ପ୍ରାପ୍ତ ହିତା କାର୍ଯ୍ୟାଳୟରେ ସାଖିର କରିବାକୁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ 1.12.25
COPO
K.SINGHPUR

Scanned with OKEN Scanner